# OVERWHELMING RESPONSE ON THE CONCLUDING DAY OF ODISSI MUSIC FESTIVAL

**Cuttack - 11.02.2017 :** The concluding day of Odissi Music Festival featured artistes of repute like Sri Satyyanarayan Sahoo, Ms. Tapaswini Dagar, Sri Ashirbachan Mohapatra, Guru Keshab Chandra Rout and Sri Prafulla Mangal. Organized by Guru Kelucharan Mohapatra Odissi Research Centre under the aegis of Department of Culture the festival had taken a great stride to popularize the Odissi Musical tradition of Odisha and to encourage the talents in this discipline. The first programme of the concluding session was Solo Odissi vocal by Sri Satyanaryan Sahoo from Hinjilikatu followed by Odissi rendering by Ms.Tapaswini Dagara from Pipili. Next item was Odissi vocal by Ashirbachan Mohapatra from Nayagarh followed by another bit of Odissi by renowned Guru Keshab Chandra Rout. His remarkable euphony and variegated graceful embellishment punctuated by indigenous rhythmic patterns. The concluding item of the concluding evening was Solo Odissi Vocal by Sri Prafulla Mangal from Rourkela. The music lovers present were deeply engrossed by the superb and impeccable elaboration of different Rags and musical patterns, clear tonal quality and musical renderings by the artistes. Their presentation was highly applauded for it was intellectually satisfying and emotionally appealing.

The dignitaries who graced the concluding evening of the were Shri A. Maheswar Rao, Former Deputy Director (Prog.) Doordarshan, Bhubaneswar; Shri Prasanjit Mohanty, Former Deputy Director, All India Radio, Cuttack and Dr. Sangita Gosain, Chief Executive, GKCM Odissi Research Centre. The programme was anchored by Shri Basanta Mohanty.

# ଓଡ଼ିଶୀ ସଙ୍ଗୀତ ଉତ୍ସବର ଉଦଯାପନୀ ସଂଧ୍ୟାରେ ଛାନ୍ଦ, ଚମ୍ପୁ ଓ ଓଡ଼ିଶୀରେ ଶ୍ରୋତା ବିଭୋର

**କଟକ-ତା.୧୧.୦୨.୨୦୧୭ -** ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ଓ ରାଜ୍ୟ ସଂସ୍କୃତି ବିଭାଗ ଦ୍ବାରା ଆୟୋଜିତ ଦ୍ବାଦଶ **ଓଡ଼ିଶୀ ସଙ୍ଗୀତ ମହୋତ୍ସବ-୨୦୧୭** ଆଜି କଟକ ସ୍ଥିତ ଶହୀଦ ଭବନରେ ଏକ ବର୍ଣ୍ଣାଢ୍ୟ ଓ ମନୋଜ୍ଞ ପରିବେଶ ମଧ୍ୟରେ ଉଦଯାପିତ ହୋଇଯାଇଅଛି । ତିନିଦିନ ଧରି ଚାଲିଥିବା ଏହି ସଙ୍ଗୀତ ଉତ୍ସବରେ ବହୁ ମାନଗଣ୍ୟ ଗୁରୁ, ସଙ୍ଗୀତଜ୍ଞ, ଶିଳ୍ପୀ ସେମାନଙ୍କର ଓଡ଼ିଶୀ ସଙ୍ଗୀତ ଉପରେ ନିପୁଣତା ଦେଖାଇଥିଲେ । ଓଡ଼ିଶାର ଓଡ଼ିଶୀ ଶାସ୍ତ୍ରୀୟ ସଙ୍ଗୀତକୁ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ପହଞ୍ଚାଇବା ଏହି ଉତ୍ସବର ମୂଳ ଉଦ୍ଦେଶ୍ୟ ଥିଲା । ଶେଷ ସଂଧ୍ୟାର ପ୍ରଥମ ପ୍ରସ୍ତୁତି ଥିଲା ସତ୍ୟନାରାୟଣ ସାହୁଙ୍କ ଦ୍ବାରା **ରାଗାଙ୍ଗ** ଓ **ନାଟ୍ୟାଙ୍ଗ**ରେ ଓଡ଼ିଶୀ ସଙ୍ଗୀତ ପରିବେଷଣ । ପରେ ପରେ ତପସ୍ବିନୀ ଡ଼ଗରାଙ୍କ ଦ୍ବାରା ଓଡ଼ିଶୀ ସଙ୍ଗୀତ **ସେ ଶ୍ୟାମ ନାଗର ବର ପ୍ରିତୀରେ ମୁଁ ଗଲି ସରି** ଓ ଛାନ୍ଦ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ରଚନାରୁ **ରମଣି ରତନ ମେଘକୁ ଚାହିଁ** । ପରବର୍ତ୍ତୀ ପ୍ରସ୍ତୁତି ଥିଲା ଆଶ୍ରୀବଚନ ମହାପାତ୍ରଙ୍କ ଦ୍ବାରା ରାଗ ସିଂହେନ୍ଦ୍ର ମଧ୍ୟମରେ ପୁରାତନ ରଚନାରୁ ଗୀତ **ଶ୍ୟାମଳ ଗାତ୍ରେ ମୋ ନେତ୍ର ପଡ଼ିଲା ଗୋ** ଓ ନାଟ୍ୟାଙ୍ଗରେ ଶ୍ରୀଚରଣ ଦାସଙ୍କ ରଚନାରୁ **ଚାହିଁ ଦେଲି କିଂଚିତରେ ବାରେ ସେ ଶ୍ୟାମ ନାଗରଙ୍କୁ** । ପରେ ପରେ ଗୁରୁ କେଶବ ଚନ୍ଦ୍ର ରାଉତଙ୍କ ଦ୍ବାରା ରାଗ କୀରବାଣି ଓ ତାଳ ଜତି ଉପରେ ବନମାଳୀଙ୍କ ରଚନାରୁ ପ୍ରବନ୍ଧ **ସଖୀ ବିଜେ କଦମ୍ବ ମୂଳେ ଗୋ** ଏବଂ ରାଗ ମିଶ୍ରପିଲୁ ଓ ତାଳ ଖେମଟାରେ କବି ସୂର୍ଯ୍ୟ ବଳଦେବ ରଥଙ୍କ ରଚନାରେ ପ୍ରବନ୍ଧ **ବାରି ଯାଖି ମନରୁ ମାନ ମାରି ଦେ ରେ** ଏବଂ ଶେଷରେ ପ୍ରଫୁଲ୍ଲ ମଙ୍ଗଳଙ୍କ ଦ୍ବାରା କବି ଚନ୍ଦ୍ର କାଳି ଚରଣ ପଟ୍ଟନାୟକଙ୍କ ଦ୍ବାରା ରଚିତ ପ୍ରବନ୍ଧ **ଗିରି ସମ ଗରୁ ଭିଲ୍ଲାରେ** ଓ ବନମାଳୀଙ୍କ ରଚନାରୁ **ସଖୀ ଗୋ ମୋ କୁଞ୍ଜକୁ ଆଜ** ପରିବେଷଣ କରି ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ । ଓଡ଼ିଶୀ ଗବେଷଣା କେନ୍ଦ୍ରର ମୁଖ୍ୟ ନିର୍ବହୀ ଡ଼. ସଙ୍ଗୀତା ଗୋସାଇଁ, କାର୍ଯ୍ୟରତ ଓଡ଼ିଶୀ ସଙ୍ଗୀତ ଗାୟକ ଗୁରୁ ଶ୍ରୀ ବିଜୟ କୁମାର ଶତପଥୀ ଓ ଅନ୍ୟାନ୍ୟ ଗୁରୁ ଓ କର୍ମକର୍ତ୍ତାଙ୍କ ସହଯୋଗରେ ଏହି ଓଡ଼ିଶୀ ସଙ୍ଗୀତ କାର୍ଯ୍ୟକ୍ରମ ସାଫଲ୍ୟମଣ୍ଡିତ ହୋଇପାରିଛି ।

ଉଦଯାପନୀ ସଂଧ୍ୟାର ଅତିଥିମାନେ ଥିଲେ ଦୁରଦର୍ଶନ କେନ୍ଦ୍ର ଭୁବନେଶ୍ବରର ପୂର୍ବତନ ଉପ ନିର୍ଦ୍ଦେଶକ ଶ୍ରୀଯୁକ୍ତ ଏ. ମହେଶ୍ବର ରାଓ, ଆକାଶବାଣୀ କେନ୍ଦ୍ର କଟକର ପୂର୍ବତନ ଉପ ନିର୍ଦ୍ଦେଶକ ଶ୍ରୀଯୁକ୍ତ ପ୍ରସନଜିତ ମହାନ୍ତି ଏବଂ ଓଡ଼ିଶୀ ଗବେଷଣା କେନ୍ଦ୍ରର ମୁଖ୍ୟ ନିର୍ବହୀ ଡ଼. ସଙ୍ଗୀତା ଗୋସାଇଁ । କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଶ୍ରୀଯୁକ୍ତ ବସନ୍ତ ମହାନ୍ତି ।